# Akashvani, Sambalpur

## SAMBALPURI NEWS EVENING BULLETIN

## 13 April 2026-7.02- 7.12 pm.

---

୧- ମହିଳାମାନ୍‌କର୍ ଲାଗି ସୁଯୋଗ୍ ତିଆର୍ କର୍‌ବାର୍ ଆଉ ସେମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଆହ୍ୱାନ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଦିଲ୍ଲୀ ନ ନାରୀଶକ୍ତି ବନ୍ଦନ୍ ସମ୍ମିଳନୀକେ କଲେ ସମ୍ବୋଧନ୍ ।

୨- ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଜିଲ୍ଲାମାନ୍‌କର୍ ସମୃଦ୍ଧି ବହୁତ୍ ଜରୁରୀ ଆଏ- କହେଲେ ମୁଖ୍ୟମନ୍ତ୍ରୀ ।

କେନ୍ଦୁଝର୍ ଠାନେ ଆଏଜ୍ ୧ ହଜାର୍ ୫ ଶହ ୮୧ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ବଡ଼ବିଲ୍ ବାଇପାସ୍ ରିଂରୋଡ୍ ପ୍ରକଳ୍ପର୍ କଲେ ଉଦ୍‌ଘାଟନ୍ ।

୩- ରାଏଜେ ଲାଗୁ ହେଲା ଓଡ଼ିଶା ସର୍‌କାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ୍ -୨୦୨୬ ।

ଆଉର୍

୪- ପାଲିତ୍ ହେଉଛେ ରାଜ୍ଧାନୀ ଭୁବନେଶ୍ୱର୍‌ର ୭୮ ନମ୍ବର୍ ପ୍ରତିଷ୍ଠା ଦିବସ୍ ।

ନାରୀ ଶକ୍ତି ବନ୍ଦନ -ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ମହିଲା ମାନ୍‌କର୍ ଯୋଗ୍‌ଦାନ୍ ଲାଗି ଦେଶର୍ ଗଣତନ୍ତ୍ର ବର୍‌କସ୍ ହେଉଥିବାର୍‌ନୁ ଗଣତାନ୍ତ୍ରିକ୍ ଢାଂଚାଥି ସେମାନ୍‌କର୍ ଲାଗି ସଂରକ୍ଷଣ୍ ବ୍ୟବସ୍ଥା ଲାଗୁ କର୍‌ବାର୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୋର୍ ଦେଇଛନ୍ । ନୂଆଁଦିଲ୍ଲୀ ନ ଆଏଜ୍ ନାରୀ ଶକ୍ତି ବନ୍ଦନ ସମ୍ମିଲନୀ କେ ସମ୍ବୋଧିତ୍ କରିକରି ପ୍ରଧାନ୍‌ମନ୍ତ୍ରୀ ମହିଲାମାନ୍‌କର୍ ଲାଗି ସୁଯୋଗ୍ ସୃଷ୍ଟି କର୍‌ବାର୍ ଆଉ ସେମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଶ୍ରୀ ମୋଦୀ କହିଛନ୍, ଭାରତ୍ ଏକବିଂଶ ଶତାବ୍ଦୀର୍ ସବୁନୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାର୍‌କେ ଯାଉଛେ ଆଉ ଇ ନିଷ୍ପତି ମହିଲାମାନ୍‌କର୍ ସଶକ୍ତିକରଣ୍ ଲାଗି ଉତ୍ସର୍ଗୀକୃତ ଆଏ । ପ୍ରଧାନ୍‌ମନ୍ତ୍ରୀ ଆହୁରି କହିଛନ୍, ବିଧାନ୍‌ସଭାନୁ ମୁଲ୍ କରିକରି ସଂସଦ୍ ତକ୍ ବହୁତ୍ ଦିନର୍ ପ୍ରତୀକ୍ଷିତ ପ୍ରସଙ୍ଗ ଆଏବା ୧୬, ୧୭ ଆଉ ୧୮ ତାରିଖ୍ ପୂର୍ଣ୍ଣତା ପାଏବାର୍‌କେ ଯାଉଛେ । ଶ୍ରୀ

ମୋଦୀ କହିଛନ୍, ୨୦୨୩ ମସିହାଥି ନୂଆଁକରି ତିଆର୍ ହେଇଥିବା ସଂସଦ୍ ଭବନ୍ ନ ନାରୀଶକ୍ତି ବନ୍ଦନ୍ ଅଧିନିୟମ୍‌ର ପହେଲା ପଦକ୍ଷେପ୍ ଭାବେ ସର୍‌କାର୍ ଯେନ୍ ନିଷ୍ପତି ନେଇଥିଲେ ସେଟା କାମ୍‌ଥି ବଦ୍‌ଲିବାର୍‌କେ ଯାଉଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଦେଶେ ମହିଲାମାନ୍‌କର୍ ନେତୃତ୍ୱର୍ ବର୍‌କସ୍ ଉଦାହରଣ୍ ହେଉଛେ ପଂଚାୟତିରାଜ୍ ବ୍ୟବସ୍ଥା ।

ଭାରତ୍ ନ ସ୍ୱାୟତ ଶାସନ୍ ବ୍ୟବସ୍ଥାଥି ୧୪ ଲାଖ୍ ନୁ ଅଏତ୍‌କା ମହିଲା ସେମାନ୍‌କର୍ ଭୂମିକା ତୁଲଉଛନ୍ । ୨୦୧୪ ଉତ୍‌ରୁ ଜାତୀୟ ଗଣତାନ୍ତ୍ରିକ୍ ମେଂଟ ସର୍‌କାର୍ ମହିଲାମାନ୍‌କୁ ଜୀବନ୍‌ର ଫିଁ' କ୍ଷେତ୍ର ନ ସାହାଜ୍ କର୍‌ବାର୍ ଲାଗି ସଫଲ୍ ଭାବେ ବହୁତ୍ ଯୋଜ୍‌ନା ଲାଗୁ କରିଛନ୍ । ଇ ଅବ୍‌ସରେ କେନ୍ଦ୍ର ମହିଲା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ମହିଲାମାନ୍‌କର୍ ସଶକ୍ତିକରଣ୍, ଆତ୍ମସମ୍ମାନ୍ ଆଉ ଗଣତାନ୍ତ୍ରିକ୍ ଭାଗିଦାରୀ କ୍ଷେତ୍ରଥି ନାରୀଶକ୍ତି ବନ୍ଦନ୍ ଅଧିନିୟମ୍‌ର ଗୁରୁତ୍ୱ ବାବ୍‌ଦେ କହିଛନ୍ ।

ନାରୀ ଶକ୍ତି ବନ୍ଦନ୍-ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ନାରୀ ଶକ୍ତି ବନ୍ଦନ୍ ସମ୍ମିଲନୀ ଜରିଏ ନାରୀ ସଶକ୍ତିକରଣ୍ ଆଉ ସେମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ସହେତେ ଆର୍ଥିକ୍ ଉନ୍ନତି ସୁରକ୍ଷା ଆଉ ମର୍ଯ୍ୟାଦା ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜୋର୍ ଦେଇଛନ୍ । ଆଏଜ୍ ସଖାଲ୍‌ବେଲା କଟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ନାରୀ ଶକ୍ତି ବନ୍ଦନ୍ ସମ୍ମିଲନୀକେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ସେ କହିଛନ୍, ମହିଳା ସଂରକ୍ଷଣ୍ ଗୁଟେ ଆଇନ୍ ନୁହେଁ, ଇଟା ବହୁତ୍ ବଛର୍‌ର ସଂଘର୍ଷ ଯେନ୍‌ଥିର୍ ମହିଳାମାନ୍‌କୁ ତୃଣମୂଲ୍‌ସ୍ତର୍‌ନୁ ସଶକ୍ତ ଆଉ ସ୍ୱାବଲମ୍ବୀ କର୍‌ବାର୍ ମୂଳ ଲକ୍ଷ୍ୟ ଥିଲା ।

ନାରୀ ବନ୍ଦନ୍ ଅଧିନିୟମ୍ ରେଲି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ନାରୀ ବନ୍ଦନ୍ ଅଧିନିୟମ୍‌କେ ସମର୍ଥନ୍ କରିକରି ଆଏଜ୍ ମହିଳାମାନ୍‌କର୍ ତର୍‌ଫୁ ଗୁଟେ ରେଲିକରାଯାଇଛେ ।

ଇ ରେଲି ଲକ୍ଷ୍ମୀଟକିଜ୍ ଛକ୍‌ନୁ ବାହାରିକରି ତପସ୍ୱନୀ ପ୍ରେକ୍ଷାଳୟ ନ ପୁହୁଁଚିଥିଲା । ରାଜ୍ୟ ମହିଲା କମିଶନ୍ ସଦସ୍ୟା ମୁକ୍ତା ସାହୁଙ୍କର୍ ନେତୃତ୍ୱଥି ବହୁତ୍‌ଟେ ମହିଲା ଇ ରେଲିଥି ଭାଗ୍ ନେଇଥିଲେ । ତାର୍ ଉତ୍‌ରୁ ତପସ୍ୱିନୀ ପ୍ରେକ୍ଷାଳୟ ନ ଆୟୋଜିତ ହେଇଥିବା ସଭାଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନାରୀଶକ୍ତିକେ ଦେଇଥିବା ଉଦ୍‌ବୋଧନ୍ ଶୁନ୍‌ବାର୍ ସହେତେ ତାକେ ସମର୍ଥନ୍ କରିଥିଲେ ।

ମୁଖ୍ୟମନ୍ତ୍ରୀ -ସମୃଦ୍ଧ ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ଜିଲ୍ଲାମାନ୍‌କର୍ ସମୃଦ୍ଧି ବହୁତ୍ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦୁଝର୍ ଜିଲ୍ଲା ନ ଆଏଜ୍ ୧ ହଜାର୍ ୫ ଶହ ୮୧ କୋଟି ୨୧ ଲାଖ୍ ଟଙ୍କା ଖର୍ଚ୍ଚାଥି ବଡ଼ବିଲ୍ ବାଇପାସ୍ ରିଂରୋଡ୍ ପ୍ରକଳ୍ପ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଇ ବାଇପାସ୍ ସାଧାରଣ୍ ଲୁକଙ୍କର୍ ବହୁତ୍ ଦିନର୍ ସମସ୍ୟାର୍ ସମାଧାନ୍ କର୍‌ବା । ବାଇପାସ୍‌ର ନିର୍ମାଣ୍ ଶୈଲୀ ବହୁତ୍ ଉଚ୍ଚା ଦର୍‌ଜାର୍ କରାଯିବା ।

ଇଥି ଦିନ୍‌କ ୪ ହଜାର୍ ୪ ଚକିଆ ଗାଡ଼ି ଚଲାଚଲ୍ କର୍‌ବାର୍ କ୍ଷମତା ରହେବା । ସହର୍ ନ ଶାନ୍ତିପୂର୍ଣ୍ଣ, ନିରାପଦ୍ ଯା'ଆସ୍, ପ୍ରଦୂଷଣ୍ କମାବାର୍ ଆଉ ଦୁର୍ଘଟଣାକେ ବହୁତ୍ ମାତ୍ରାଥି କମ୍ କରାଯାଇପାର୍‌ବା । ବଡ଼ବିଲ୍ ସହର୍ ଲାଗି ୧୮ କିଲୋମିଟର୍ ୩ ଶହ ୨୬ ମିଟର୍ ରିଂ ରୋଡ୍‌ର ମୁଖ୍ୟମନ୍ତ୍ରୀ ଆଏଜ୍ ଶିଲାନ୍ୟାସ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୩ ଶହ ୨୬ କୋଟି ଟଙ୍କାଥି ୫୧ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ୩୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ୨୬ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ସବୁ ଅଂଚଲ୍‌ର ଉନ୍ନତି ହେଲେ ଯାଇକରି ରାଜ୍ୟ ପ୍ରଗତିର୍ ରାହାଥି ଆଗ୍‌କେ ବଢ଼୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସର୍‌କାରୀ ବିଶ୍ୱବିଦ୍ୟାଲୟ- ଅଧିନିୟମ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଉଚ୍ଚଶିକ୍ଷା କ୍ଷେତ୍ରଥି ଜରୁରୀ ପଦକ୍ଷେପ୍ ଭାବେ ଓଡ଼ିଶା ରାଜ୍ୟ ସର୍‌କାରୀ ବିଶ୍ୱବିଦ୍ୟାଲୟ ଅଧିନିୟମ୍ ୨୦୨୬ ଲାଗୁ ହେଇଛେ । ବିଧାନ୍‌ସଭା ନ ପାରିତ୍ ବିଧେୟକ୍‌କେ ରାଜ୍ୟପାଲ୍

ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କର୍ ସ୍ୱୀକୃତୀ ଉତ୍ରୁ ଇ ଅଧିନିୟମ୍ କାର୍ଯ୍ୟକାରୀ ହେଇଛେ । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ରାଏଜେ ସର୍କାରୀ ବିଶ୍ୱବିଦ୍ୟାଳୟ ନ ପ୍ରଫେସର୍, ଏସୋସିଏଟ୍ ପ୍ରଫେସର୍ ଆଉ ଏସିଷ୍ଟେଂଟ୍ ପ୍ରଫେସର୍ ନିଯୁକ୍ତିଥି ସଂରକ୍ଷଣ୍ କାର୍ଯ୍ୟକାରୀ କର୍ବାର୍ ଲାଗି ସବୁ ବିଶ୍ୱବିଦ୍ୟାଳୟକେ ଏକକ ଭାବେ ବିଚାର୍ କରାଯିବା । ବିଭାଗ୍ ଭିତିକ୍ ସଂରକ୍ଷଣ୍ ପ୍ରଣାଳୀକେ ଉଚ୍ଛେଦ୍ କରାଯାଇଛେ । ଇଥିର୍ଲାଗି ଶିକ୍ଷକ୍ମାନ୍କର୍ ପ୍ରତ୍ୟକ୍ଷ ନିଯୁକ୍ତି ବେଲେ ଇ ସବୁ ପଦ୍ବୀ ମାନ୍କେ ଅନୁସୂଚିତ ଜନଜାତି, ଜାତି ଆଉ ଏସ୍ଇବିସି ବର୍ଗଙ୍କର୍ ପ୍ରତିନିଧିତ୍ୱକେ ସୁନିଶ୍ଚିତ୍ କରାଯାଇପାର୍ବା । ଇ ଅଧିନିୟମ୍ ଲାଗୁ ହେବାର୍ ଉତ୍ରୁ ରାଜ୍ୟର୍ ସର୍କାରୀ ବିଶ୍ୱବିଦ୍ୟାଳୟମାନ୍କେ ଖାଲି ପଡ଼ିଥିବା ଶିକ୍ଷକ୍ ପଦ୍ବୀକେ ପୁରା କର୍ବାର୍ ପ୍ରକ୍ରିୟା ତୁର୍ତି ହେବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ରାଜ୍ଧାନୀ ଥାପ୍ନା ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ଆଏଜ୍ ତାର୍ ୭୮ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲନ୍ କରୁଛେ । ୧୯୪୮ ମସିହା ଆଝିର୍ ଦିନେ ଭୁବ୍‌ନେଶ୍ୱର୍ ନ ଓଡ଼ିଶାର୍ ରାଜ୍‌ଧାନୀ ଥାପ୍‌ନା କରାଯାଇଥିଲା । ଇ ଅବ୍‌ସରେ ରାଜ୍‌ଧାନୀ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ଆଗାଡ଼େ ଥିବା ରାଜ୍‌ଧାନୀ ଶିଳାନ୍ୟାସ୍ ଫଳକ ନ ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ୍ କର୍‌ବାର୍ ସହେତେ ପତାକା ଉତୋଲନ୍ କରିଛନ୍ । ଭୁବ୍‌ନେଶ୍ୱର୍ ମେୟର୍, କମିଶନର୍ ସାଂସଦ୍ ଅପରାଜିତା ଷଡ଼ଙ୍ଗୀ ଆଉ ବିଧାୟକ୍‌ମାନେ ଇ ଅବ୍‌ସରେ ଉପସ୍ଥିତ୍ ଥିଲେ । ତାର୍ ଉତ୍‌ରୁ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ଛାତ୍ରଛାତ୍ରୀମାନ୍‌କର୍ ତର୍‌ଫୁ ପରେଡ୍ ପ୍ରଦର୍ଶନ୍ କରାଯାଇଥିଲା । ଇଥି ୫୦ ଟା କଂଟିଜେଂଟ୍ ସାମିଲ୍ ହେଇଥିଲେ । ଲିଙ୍ଗରାଜ୍ ମନ୍ଦିର୍ ନୁ ଗୁଟେ ମଶାଲ୍ ଶୋଭାଯାତ୍ରା ବାହାରିକରି ସଭାସ୍ଥଳୀ ନ ପହଁଚିଥିଲା । ଇ ବଛର୍ ୨ ଦିନ୍ ଧରିକରି ରାଜ୍‌ଧାନୀ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ବିଏମ୍‌ସି ଆଉ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଜୟଦେବ୍ ଭବନ୍ ନ ଗୁଟେ ଖାସ୍ ଫଟୋଚିତ୍ର ପ୍ରଦର୍ଶନୀର୍ ଆୟୋଜନ୍ କରାଯାଇଛେ । ପ୍ରତିଷ୍ଠା

ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ଶିକ୍ଷା, ସ୍ୱାସ୍ଥ୍ୟ, ଖେଲ୍, ପର୍ଯ୍ୟଟନ୍ ଆଉ ପ୍ରଯୁକ୍ତିବିଦ୍ୟା ବାଗିର୍ କ୍ଷେତ୍ରଥି ଭୁବ୍‌ନେଶ୍ୱର୍ ଦେଶର୍ ଗୁଟେ ମୁଖିଆ ସହର୍‌ର ମାନ୍ୟତା ପାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଇ ଦିବସ୍ ପାଲନ୍ ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ ।

ବିଜ୍‌ଲି ବିଲ୍ ହି.ସ.

ବିଜ୍‌ଲି ବିଲ୍ ନାଇଁ ଦେଇଥିବା ହିତାଧିକାରୀମାନ୍‌କର୍ ଭିଲ୍ ବିଜ୍‌ଲି କାଟ୍ ନାଇଁ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ବିଦ୍ୟୁତ୍ ବିତରଣ୍ କମ୍ପାନୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବଢୁଥିବା ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ । ଅଘୋଷିତ ବିଦ୍ୟୁତ୍ କାଟ ନାଇଁ କର୍‌ବାର୍‌କେ ଭିଲ୍ ଶ୍ରୀ ସିଂହଦେଓ ବିତରଣ କମ୍ପାନୀମାନ୍‌କୁ କହିଛନ୍ । ସେଆଡ଼େ ମରାମତି ଆଉ ଦେଖ୍‌ରେଖ୍ ଲାଗି ବିଜ୍‌ଲି କାଟ୍ ହେଲେ ଉପଭୋକ୍ତା ମାନ୍‌କୁ ସୂଚନା ଦେବାର୍‌କେ

ବାଧ୍ୟତାମୂଲକ୍ କରାଯାଇଛେ । ସର୍‌କାର୍‌ଙ୍କର୍ ଇ ଘୋଷ୍‌ନାକେ କଡ଼ାକଡ଼ି ଭାବେ ପାଲନ୍ କର୍‌ବାର୍ ଲାଗି ବିଦ୍ୟୁତ୍ କମ୍ପାନୀମାନ୍‌କୁ କୁହାଯାଇଛେ ।

ଆମ ରଚି-ଆମ ଖାଦ୍ୟ କାର୍ଯ୍ୟକ୍ରମ୍

ବୌଦ୍ଧ/ ବର୍‌ଗଡ଼୍/ ସୁବର୍ଣ୍ଣପୁର/ ବଲାଙ୍ଗିର/ କଲାହାଣ୍ଡି

ଓଡ଼ିଶାର୍ ଗୌରବ୍‌ମୟ ଖାଦ୍ୟ ପରମ୍ପରାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଓଡ଼ିଆ ପକ୍ଷର୍ ୧୩ ନମ୍ବର୍ ଦିନେ ଆଏଜ୍ ଆମ ରଚି ଆମ ଖାଦ୍ୟ’ କାର୍ଯ୍ୟକ୍ରମ୍ ହେଇଯାଇଛେ । ରାଜ୍ୟର୍ ଖାଦ୍ୟ ଖାଦ୍ୟ ଖାଲି ସୁଆଦ୍ ଲାଗି ଆଦୃତ୍ ନାଇଁ ହୁଏ । ଇଟା ପୁଷ୍ଟି, ପ୍ରୀତି, ବିଜ୍ଞାନର ଅପୂର୍ବ ସମନ୍ୱୟ ଆଏ । ସ୍ଥାନୀୟ ଦରବ୍ ସନ୍ତୁଳିତ ପୋଷଣ୍ ଆଉ ବିଜ୍ଞାନ୍ ସମ୍ମତ ରନ୍ଧା ପରମ୍ପରା ଆମର୍ ଖାଏବାର୍ ଦରବ୍‌କେ ଖାସ୍ ପରିଚୟ ଦେସି । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସମୃଦ୍ଧ ଖାଦ୍ୟ ପରମ୍ପରାକେ ସମ୍ମାନ୍ ଜନାବାର୍ ସହେତେ ତାର୍ ସ୍ୱାଦକେ ସାରା ପୁର୍‌ଥି ନ ପୁହୁଁଚାବାର୍ ଲାଗି କହିଛନ୍ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଇ ଅବ୍ସରେ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ ।

ସୁବର୍ଣ୍ଣପୁର୍ଠାନେ ହେଇଥିବା କାର୍ଯ୍ୟକ୍ରମ୍ଥି ୩୦ ଟା ମହିଲା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ୍ ହେଇକରି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରଦର୍ଶନ୍ କରିଛନ୍ ।

ବର୍ଗଡ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ପାରମ୍ପାରିକ୍ ଖାଦ୍ୟ ଦିବସ୍ ପାଳିତ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦଇେକରି ଖାଦ୍ୟ ପ୍ରଦର୍ଶନୀକେ ଉଦ୍ଘାଟନ୍ କରିଥିଲେ ।

ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ଓଡ଼ିଆ ପକ୍ଷ ପାଳନ୍ ଅବ୍ସରେ ଆମ ରୁଚି - ଆମ ଖାଦ୍ୟ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି କନ୍ଧମାଲ୍ ସାଂସଦ୍ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବଲାଙ୍ଗିର୍ ସଦର୍ ବ୍ଲକ୍ ପରିସର୍ ନ ହେଇଥିବା ଆମ ରଚି ଆମ ଖାଦ୍ୟ କାର୍ଯ୍ୟକ୍ରମ୍ଥି ବ୍ଲକ୍ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସାମ୍ପ୍ରତିକ୍ ସମିଆଥି ପାରମ୍ପାରିକ୍ ଖାଦ୍ୟର୍ ମହତ୍ୱ ବାବ୍ଦେ କହିଥିଲେ ।

କଲାହାଣ୍ଡି ଜିଲ୍ଲା ସର୍କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଆଏଜ୍ ଜିଲ୍ଲାସ୍ତରୀୟ ଆମ ରଚି ଆମ ଖାଦ୍ୟ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ରତ୍ନଭଣ୍ଡାର୍ ଗଣ୍ତି ମନ୍ତି      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଭିତର ରତ୍ନଭଣ୍ଡାର୍ ଗଣ୍ତିମନ୍ତି କାମ୍ ଆଏଜ୍ଠାନୁ ମୁଲ୍ ହେଇଛେ । ସକାଳ ଧୂପନୀତି ଉତ୍ରୁ ସୁଚାରୁ ଭାବେ ସର୍କାର୍ଙ୍କର ମାର୍ଗଦର୍ଶିକା ଅନ୍ସାରେ ଗଣ୍ତିମନ୍ତି କାମ୍ ମୁଲ୍ ହେଇଛେ । ଜିଲ୍ଲା ଟ୍ରେଜେରୀନୁ ଭିତର ରତ୍ନଭଣ୍ଡାର ଚାବିକାଠି ଅନାଯିବାର୍ ସହେତେ ଇତାକେ ଖୁଲାଯାଇଥିଲା । ୧୯୭୮ ମସିହା ଗଣ୍ତି ଅନ୍ସାରେ ଭିତର ରତ୍ନଭଣ୍ଡାର୍ ନ ୩୬୭ ପ୍ରକାରର୍ ସୁନା ଆଉ ୨ ଶହ ୩୧ ପ୍ରକାରର୍ ରୂପା ଅଲଙ୍କାର୍ ତାଲିକା ରହିଛେ । ସେ ତାଲିକା ସହେତେ ଗଣ୍ତି କରାଯାଇକରି ମେଲ୍ କରାଯିବା । ସବୁ ଅଲଙ୍କାର୍ ମାନ୍କର୍ ଭିଡ଼ିଓ ଆଉ ଫଟୋଗ୍ରାଫି ସହେତେ ଥ୍ରିଡି ମେପିଂ କରାଯିବା ।